# ସବୁଜ ଗିରି
# Sabujagiri

## କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

A Quarterly Newsletter of KVK, Gajapati, Odisha

ଦ୍ୱାଦଶ ବର୍ଷ                                    ୨୦୧୬-୧୭

### ଏହି ସଂକଳନରେ............

- ଝାଉଁଳାରୋଗ ସହନଶୀଳ ବାଇଗଣ କିସମ "ସ୍ୱର୍ଣ୍ଣଶ୍ୟାମଳୀ" ସଫଳ ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ
- ଟିସୁକଲଚର କଦଳୀ ଚାଷର ଚାଷୀ କ୍ଷେତ୍ରରେ ସଫଳ କ୍ଷେତ୍ର ପରୀକ୍ଷଣ :-
- ଚାଷୀ କ୍ଷେତ୍ରରେ ବ୍ରୋକ୍କୋଲି କୋବିର ସଫଳ କ୍ଷେତ୍ର ପରୀକ୍ଷଣ:-
- ସ୍ୱଳ୍ପମୂଲ୍ୟଯୁକ୍ତ ପଲିଟନେଲ ମଧ୍ୟରେ ଚାରା ଉତ୍ପାଦନର ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନୀ :
- ଡାଲି ଜାତୀୟ ଫସଲର ଆଗଧାଡି କ୍ଷେତ୍ର ପ୍ରଦର୍ଶନ :
- ବାଇଗଣ ଚାଷରେ କାଣ୍ଡ ଏବଂ ଫଳବିନ୍ଧା ପୋକ ନିୟନ୍ତ୍ରଣର ଆଗଧାଡି କ୍ଷେତ୍ର ପ୍ରଦର୍ଶନ :
- ପିଆଜ ଚାଷରେ ପତ୍ରପୋଡ଼ା ରୋଗ ନିୟନ୍ତ୍ରଣର କ୍ଷେତ୍ର ପ୍ରଦର୍ଶନ :
- ପଦଚାଳିତ ଧାନ ଅମଳ ଯନ୍ତ୍ରର ସଫଳ ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ :
- ଏକ ଧାଡ଼ିଆ ବଳଦଟଣା ବିବିଧ ସାର ଓ ମଞ୍ଜିବୁଣା ଯନ୍ତ୍ରରକ୍ଷେତ୍ର ପ୍ରଦର୍ଶନୀ :
- ତିନି ଧାଡ଼ିଆ ଧାନ ରୁଆ ଯନ୍ତ୍ରର ସଫଳ କ୍ଷେତ୍ର ପ୍ରଦର୍ଶନୀ :

### ସଂପ୍ରସାରଣ ଶିକ୍ଷା ଅଧ୍ୟକ୍ଷଙ୍କ ବାର୍ତ୍ତା



କୃଷି ବିଜ୍ଞାନ କେନ୍ଦ୍ର, ଗଜପତିର ନିଜସ୍ୱ ସମାଚାର ପତ୍ର ସବୁଜଗିରି ର ଦ୍ୱାଦଶ ବର୍ଷ ସଂସ୍କରଣ ପ୍ରକାଶନରେ ମୁଁ ବିଶେଷ ଆନନ୍ଦିତ । ଆଦିବାସୀ ବହୁଳ ଗଜପତି ଜିଲ୍ଲାର ଚାଷୀମାନେ କୃଷି ଓ ଉଦ୍ୟାନ କୃଷି ଉପରେ ନିର୍ଭର କରିଥାନ୍ତି । ବିଗତ ଦିନମାନଙ୍କରେ ଜିଲ୍ଲାର କୃଷକ ଓ କୃଷିଜୀବୀ ମହିଳାମାନଙ୍କର ଧାନ ଚାଷ ସହିତ ମକା, ଫଳ, ତୈଳବୀଜ, ପନିପରିବା, ଛେଳି,କୁକୁଡ଼ା,ଗୋପାଳନ,ଛତୁ ରେଶମ ତଥା ମହୁ ଉତ୍ପାଦନ ଇତ୍ୟାଦିରେ ବିଶେଷ ଆଗ୍ରହ ରହିଛି । କୃଷି କ୍ଷେତ୍ରରେ ଜ୍ଞାନ କୌଶଳର ପରୀକ୍ଷା, ନିରିକ୍ଷା,ପ୍ରଦର୍ଶନ ଏବଂ ତାଲିମ ମାଧ୍ୟମରେ ଏହାକୁ ଚାଷୀମାନଙ୍କ ଦ୍ୱାରା ଆଦୃତ କରାଇବା ଦିଗରେ କୃଷି ବିଜ୍ଞାନ କେନ୍ଦ୍ର ସଫଳ ହୋଇପାରିଛି । ଏହି ସମାଚାର ପତ୍ର କୃଷି କ୍ଷେତ୍ରରେ ଜିଲ୍ଲାର କୃଷକ, କୃଷିଜୀବୀ ମହିଳା,ବେକାର ଯୁବକ ଯୁବତୀଙ୍କ ସହ ସଂପ୍ରସାରଣ କର୍ମୀଙ୍କୁ ବିଭିନ୍ନ ଜ୍ଞାନ କୌଶଳ ସଂପର୍କରେ ଅବଗତ କରାଇବ ବୋଲି ମୋର ଦୃଢ଼ ବିଶ୍ୱାସ । ସବୁଜଗିରି ପତ୍ରିକାର ସଫଳ ପ୍ରକାଶନ ନିମନ୍ତେ ମୋର ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଏହା କୃଷିର ଉନ୍ନତିରେ ଗଜପତି ଜିଲ୍ଲା ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମୋର ଆଶା ଓ ବିଶ୍ୱାସ ।

ଅଧ୍ୟକ୍ଷ, ସଂପ୍ରସାରଣ ଶିକ୍ଷା
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର

### ମୁଖ୍ୟ ସଂପାଦକଙ୍କ କଲମରୁ................



ପାହାଡ଼ ଜଙ୍ଗଲ ପରିବେଷ୍ଟିତ ଆଦିବାସୀ ବହୁଳ ଗଜପତି ଜିଲ୍ଲାର ବହୁବିଧ କୃଷି ପରିସ୍ଥିତି କୁ ଆଧାର କରି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଜନସହଭାଗୀ ଅବଧାରଣା ଦ୍ୱାରା କୃଷି ଏବଂ କୃଷି ପରିବାର ର ଦକ୍ଷତା ବିକାଶ ଦିଗରେ କାର୍ଯ୍ୟରତ । ସବୁଜଗିରି ର ସପ୍ତମ ବର୍ଷର ପ୍ରଥମ ସଂସ୍କରଣ ପ୍ରକାଶନ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମର ସଫଳତାର ବାର୍ତ୍ତା ବହନ କରିବା ସହ କୃଷକ ଓ କୃଷିଜୀବୀ ମହିଳା ଗ୍ରାମ୍ୟ ଯୁବ ଗୋଷ୍ଠୀ ତଥା ସଂପ୍ରସାରଣ କର୍ମୀମାନଙ୍କୁ ଉନ୍ନତ କୃଷିଜ୍ଞାନ କୌଶଳସମ୍ବନ୍ଧରେ ଅବଗତ କରିବା ପାଇଁ ଉଦ୍ଦିଷ୍ଟ । କୃଷି ଓ ଆନୁସଙ୍ଗିକ କୃଷି କ୍ଷେତ୍ରରେ ଉନ୍ନତି ଆଣିବାରେ ଏହି ପତ୍ରିକା ବିଶେଷ ସହାୟକ ହୋଇପାରିବ ବୋଲି ମୋର ବିଶ୍ୱାସ । ସବୁଜଗିରିକୁ ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା କରିଥିବା କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଏବଂ କର୍ମଚାରୀଙ୍କୁ ମୋର ହାର୍ଦ୍ଦିକ କୃତଜ୍ଞତା ।

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ସଂଯୋଜିକା
କୃଷି ବିଜ୍ଞାନ କେନ୍ଦ୍ର, ଗଜପତି
ରା-ଉଦୟଗିରି

## ଝାଉଁଳାରୋଗ ସହନଶୀଳ ବାଇଗଣ କିସମ "ସ୍ୱର୍ଣ୍ଣଶ୍ୟାମଳୀ" ସଫଳ ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ




ଗଜପତି ଜିଲ୍ଲାରେ କରାଯାଇଥିବା ବିଭିନ୍ନ ଲାଭଦାୟକ ପନିପରିବା ଚାଷ ମଧ୍ୟରୁ ବାଇଗଣ ଚାଷରୁ ଆଦିବାସୀ ଚାଷୀ ଭାଇମାନେ ଯଥାଚିତ ଲାଭ ପାଇଥାନ୍ତି । ଚାଷୀଭାଇମାନେ ଏହି ବାଇଗଣ ଉଭୟ ଖରିଫ ଏବଂ ରବି ଋତୁରେ ଚାଷ କରିଥାନ୍ତି । ମାତ୍ର ଚାଷୀ ଭାଇମାନଙ୍କ ମଧ୍ୟରେ ବାଇଗଣର ଉନ୍ନତ କିସମର ମଞ୍ଜି,ଚାରାପ୍ରସ୍ତୁତି ଓ ଚାରା ବିଶୋଧନ ଇତ୍ୟାଦି ସମ୍ବନ୍ଧରେ ସଚେତନତା ଅଭାବରୁ ବାଇଗଣ ଚାଷର ପ୍ରାରମ୍ଭ ଅବସ୍ଥାରେ ଯଥା ଚାରା ପ୍ରତିରୋପଣ ୧୦-୧୫ ଦିନ ମଧ୍ୟରେ ଏବଂ ଫୁଲ ଆସୁଥିବା ସମୟରେ ଝାଉଁଳା ରୋଗର ପ୍ରାଦୁର୍ଭାବ ଯୋଗୁଁ ଅନେକ କ୍ଷତି ସହିବାକୁ ପଡ଼ିଥାଏ । ତେଣୁ ଚଳିତ ୨୦୧୬-୧୭ ବର୍ଷରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ବାଇଗଣର ଝାଉଁଳାରୋଗ ସହନଶୀଳ କିସମ ସ୍ୱର୍ଣ୍ଣ ଶ୍ୟାମଳୀ ର ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନୀ ବିଭିନ୍ନ ସ୍ଥାନରେ କରାଯାଇଥିଲା ଏହା ସହିତ ବୈଜ୍ଞାନିକ ପ୍ରଣାଳିରେ ବାଇଗଣ ଚାଷ ସମ୍ବନ୍ଧରେ ତାଲିମ ମଧ୍ୟ ଦିଆଯାଇଥିଲା । ଏହି ବାଇଗଣ କିସମ ଚାଷ କରିବା ଦ୍ୱାରା ଚାଷିଭାଇମାନେ ଝାଉଁଳାରୋଗ ଜନିତ କ୍ଷତିରୁ ରକ୍ଷା ପାଇବା ସହିତ ପ୍ରାୟ ୪୫ କ୍ୱିଣ୍ଟାଲ ପ୍ରତି ହେକ୍ଟର ପର୍ଯ୍ୟନ୍ତ ଅମଳ ପାଇପାରିଥିଲେ । ଅମଳକରିଥିବା ବାଇଗଣରୁ ବଜାରରେ ଭଲ ମୂଲ୍ୟରେ ବିକ୍ରିକରି ଲାଭବାନ ମଧ୍ୟ ହୋଇଥିଲେ । ସ୍ୱର୍ଣ୍ଣ ଶ୍ୟାମଳୀ ବାଇଗଣ କିସମଟି ବଜାରରେ ଗ୍ରାହକମାନଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା ।

## ଟିସୁକଲଚର କଦଳୀ ଚାଷର ଚାଷୀ କ୍ଷେତ୍ରରେ ସଫଳ କ୍ଷେତ୍ର ପରୀକ୍ଷଣ :-



ଗଜପତି ଜିଲ୍ଲାରେ ୬୦ପ୍ରତିଶତ ଜମି ଉଚ୍ଚାଜମି ହୋଇଥିବାରୁ ସ୍ଥାନିୟ ଚାଷୀ ଭାଇମାନେ ପାହାଡିଆ ଜମିରେ ମକା, ମାଣ୍ଡିଆ,ଜହ୍ନା ଚାଷ ସହିତ କଦଳୀ ଗଛ ମଧ୍ୟ ଲଗାଇଥାନ୍ତି । ସାଧାରଣତଃ ଦେଶୀ କଦଳୀ ଗୁଡ଼ିକ ଏଠାରେ ପୂଜା ଏବଂ ଖାଦ୍ୟ ରୂପେ ବ୍ୟବହାର କରାଯାଇଥାଏ । ମାତ୍ର ଦେଶୀ କଦଳୀ ଗଛ ଗୁଡ଼ିକର ରୋଗଗ୍ରସ୍ତ ଏବଂ ସ୍ୱଳ୍ପ ଅମଳ ଦେଇଥାଏ । ଏହି ଗଛରୁ ବାହାରୁଥିବା ପୁଆ ଗୁଡ଼ିକ ଦେଖିବାକୁ ନିରୋଗ ହୋଇଥିଲେ ମଧ୍ୟ ରୋଗ ବହନ କରିଥାନ୍ତି । ତେଣୁ ଏଥିରୁ ଲଗାଯାଥିବା ଗଛମଧ୍ୟ ବଡ଼ହେଲାପରେ ରୋଗଗ୍ରସ୍ତ ହୋଇଥାଏ । ଗଛରୁ ମଧ୍ୟ ଆଶାନୁରୁପ କଦଳୀ କାନ୍ଧି ଅମଳ ହୋଇନଥାଏ । ତେଣୁ ଏସବୁ ସମସ୍ୟାକୁ ଆଖିଆଗରେ ରଖି ଚଳିତ ୨୦୧୬-୧୭ ବର୍ଷ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଟିସୁକଲଚର କଦଳୀ କିସମ ଚମ୍ପା ଏବଂ ଅମୃତ ପାଣିର ଚାଷୀ କ୍ଷେତ୍ରରେ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଦୁଇଟି ଯାକ କିସମର ଚାହିଦା ବଜାରରେ ଅଧିକ ହୋଇଥିବାରୁ ଚାଷୀମାନେ ଏହି କିସମର ସୁସ୍ଥ ଏବଂ ନିରୋଗ ଟିସୁକଲଚର କଦଳୀ ଚାଷ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଗଛ ଗୁଡ଼ିକ ଗଜପତି ଜିଲ୍ଲାରେ ଜଳବାୟୁରେ ସୂଚାରୁ ରୁପେ ବଢ଼ି ପାରୁଛନ୍ତି ଏବଂ ଆସନ୍ତା ବର୍ଷ ଏଥିରେ କାନ୍ଧି ଉନ୍ନତ ମାନର ଆସିବା ଆଶା କରାଯାଉଛି । ଏହା ସହିତ ବିଭିନ୍ନ ସମୟରେ ବିଭିନ୍ନସ୍ଥାନରେ ଟିସୁକଲଚର କଦଳୀ ବୈଜ୍ଞାନିକ ପଦ୍ଧତିରେ ଚାଷ ପ୍ରଣାଳୀ ଉପରେ ଚାଷୀମାନଙ୍କୁ ତଲିମ ଦିଆଯାଇଥିଲା ।

## ଚାଷୀ କ୍ଷେତ୍ରରେ ବ୍ରୋକ୍କୋଲି କୋବିର ସଫଳ କ୍ଷେତ୍ର ପରୀକ୍ଷଣ:-



ସାଧାରଣତଃ ଗଜପତି ଜିଲ୍ଲାରେ ଶୀତ ଦିନିଆ କୋବି ଜାତୀୟ ଫସଲ କରାଯାଇଥାଏ । ଯେଉଁଥିରୁ କି ଚାଷୀ ଭାଇମାନେ ଉପଯୁକ୍ତ ବଜାର ମୂଲ୍ୟ ପାଇପାରିନଥାନ୍ତି । କୋବି ଫସଲ ତୁଳନାରେ ବ୍ରୋକ୍କୋଲିର ବିଭିନ୍ନ ଖାଦ୍ୟସାର ଏବଂ ଔଷଧିୟ ଗୁଣଯୋଗୁଁ ସହର ମାନଙ୍କରେ ଏହି ପରିବାର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି, ଯାହା ଫଳରେ ଏହା ଏକ ଉଚ୍ଚମୂଲ୍ୟ ଯୁକ୍ତ ପରିବା ଭାବେ ବଜାରରେ ସ୍ଥାନ ପାଇଛି । ତେଣୁ ଚାଷୀ ଭାଇଙ୍କୁ ଅଧିକ ଲାଭବାନ କରାଇବା ଲକ୍ଷ୍ୟରେ କୃଷି ବିଜ୍ଞାନ କେନ୍ଦ୍ର, ଗଜପତି ତରଫରୁ ବ୍ରୋକ୍କୋଲି କୋବି ଚାଷ ଉପରେ ତିନି ପ୍ରକାର କିସମର (ଯଥା- ସାଧନା, ସୟାଲି ଓ ଗ୍ରୀନ ମ୍ୟାଜିକ୍) ଚାଷୀ କ୍ଷେତ୍ରରେ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏହା ସହିତ ବୈଜ୍ଞାନିକ ପଦ୍ଧତିରେ ବ୍ରୋକ୍କୋଲି ଚାଷ ବିଷୟରେ ବିଭିନ୍ନ ସମୟ ଏବଂ ସ୍ଥାନରେ ତାଲିମ ମଧ୍ୟ ଦିଆଯାଇଥିଲା ।

ବ୍ରୋକ୍କୋଲି ଚାଷ କରି ଚାଷୀ ଭାଇମାନେ ହେକ୍ଟର ପିଛା ୧୦୯ ରୁ ୧୧୬ କ୍ୱିଣ୍ଟାଲ ଫସଲ ଅମଳ କରିପାରିଥିଲେ । ୩ଟି କିସମ ମଧ୍ୟରୁ ଗ୍ରୀନ ମ୍ୟାଜିକ୍ ଏବଂ ସାଧନା ଗଜପତି ଜିଲ୍ଲାରେ ଭଲ ଅମଳ ଦେବାର ଏହି କ୍ଷେତ୍ର ପରୀକ୍ଷଣରୁ ଜଣା ପଡ଼ିଥିଲା । ବଜାରରେ ଏହି ବ୍ରୋକ୍କୋଲିର ବିକ୍ରି ମୂଲ୍ୟ ସର୍ବନିମ୍ନ ଟ.୪୦ ପ୍ରତି କେ.ଜି ଏବଂ ସର୍ବୋଚ୍ଚ ଟ.୫୦ ପ୍ରତି କେ.ଜି ରହିଥିଲା । ଏହି ସବୁ କାରଣରୁ ଚାଷୀ ଭାଇମାନେ ବ୍ରୋକ୍କୋଲି କୋବି ଚାଷକୁ ବ୍ୟବସାୟିକ ଭିତ୍ତିରେ କରିବାକୁ ଆଗ୍ରହ ଏବଂ ଉତ୍କଣ୍ଠା ପ୍ରକାଶ କରିଛନ୍ତି । କୃଷି ବିଜ୍ଞାନ କେନ୍ଦ୍ର, ଗଜପତି ମଧ୍ୟ ଏହାକୁ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନମାନଙ୍କରେ ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ କରି ଚାଷୀ ଭାଇମାନଙ୍କ ମଧ୍ୟରେ ଆହୁରି ଲୋକପ୍ରିୟ କରାଇବାର ଲକ୍ଷ୍ୟ ରଖିଛି ।

## ସ୍ୱଳ୍ପମୂଲ୍ୟଯୁକ୍ତ ପଲିଟନେଲ ମଧ୍ୟରେ ଚାରା ଉତ୍ପାଦନର ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନୀ :



ସଫଳ ପନିପରିବା ଚାଷକ୍ଷେତ୍ରରେ ଉନ୍ନତମାନର ଚାରା ବ୍ୟବହାର ଏବଂ ଠିକ ସମୟରେ ଚାରା ଉପଲବ୍ଧ ହେବା ନିର୍ଣ୍ଣିତ ଭାବରେ ମୁଖ୍ୟ ଭୂମିକାର ନିର୍ବାହ କରିଥାଏ । ଉନ୍ନତମାନ ରୋଗମୁକ୍ତ ଏବଂ ହୃଷ୍ଟପୃଷ୍ଟ ଚାରା ବ୍ୟବହାର ଦ୍ୱାରା ପନିପରିବା ଚାଷରୁ ଆଶାନୁରୂପ ଅମଳ ମିଳିଥାଏ । ଗଜପତି ଜିଲ୍ଲାରେ ଚାଷୀଭାଇମାନେ ସାଧାରଣତଃ ଖୋଲା ଆକାଶତଳେ ତଳିଘରା ପ୍ରସ୍ତୁତ କରି ଚାରା ଉତ୍ପାଦନ କରିଥାନ୍ତି । କିନ୍ତୁ ଏହି ପଦ୍ଧତିରେ ଆବଶ୍ୟକ ସମୟରେ ଏବଂ ଅଦିନିଆ ପନିପରିବା ଚାଷକରୁଥିବା ଚାଷୀମାନେ ଠିକ ସମୟରେ ଚାରା ପାଇପାରିନଥାନ୍ତି । ଅସମୟ ବର୍ଷା, ବର୍ଷାଋତୁ ଏବଂ ଶୀତଦିନେ ଖୋଲା ଆକାଶତଳେ ଏହି ପ୍ରଣାଳୀରେ ଚାରାପ୍ରସ୍ତୁତ କରିବା କଠିନତର ହୋଇଥାଏ । ପ୍ରବଳ ବର୍ଷାଯୋଗୁଁ ଚାରା ନଷ୍ଟ ହୋଇଯାଏ ଏବଂ ମୂଳସଢ଼ା ରୋଗ ଦେଖା ଯାଇଥାଏ । ଶୀତଦିନେ ଆମ ଜିଲ୍ଲାରେ ତାପମାତ୍ରା ଅତ୍ୟଧିକ କମିଯିବାରୁ ମଞ୍ଜିରୁ ଗଜା ହେବାପାଇଁ ଅଧିକ ସମୟଲାଗିବା ସହିତ କୁହୁଡ଼ି ଏବଂ ତୁସାରପାତ ଯୋଗୁଁ ଚାରା ନଷ୍ଟ ଏବଂ ରୋଗଗ୍ରସ୍ତ ହୋଇଥାଏ । ତେଣୁ ଉନ୍ନତ ମାନର ଅଦିନିଆ ଏବଂ ଆଗୁଆ ଚାରା ଉତ୍ପାଦନ କରିବା ଉଦ୍ଦେଶ୍ୟରେ ଚଳିତ ୨୦୧୬-୧୭ ବର୍ଷ କୃଷି ବିଜ୍ଞାନ କେନ୍ଦ୍ର, ଗଜପତି ତରଫରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱଳ୍ପମୂଲ୍ୟଯୁକ୍ତ ପଲିଟନେଲ ମଧ୍ୟରେ ଚାରାଉତ୍ପାଦନର ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନୀ ସଫଳ ରୂପେ କରାଯାଇଥିଲା । ଚାଷୀ ଭାଇମମାନେ ଉଭୟ ବର୍ଷାଦିନେ ଏବଂ ଶୀତଦିନେ ଏହି ଟନେଲ ମଧ୍ୟରେ ଅଦିନିଆ ଉନ୍ନତମାନର ଚାରା ଉତ୍ପାଦନ କରି ଅନ୍ୟାନ୍ୟ ଚାଷୀଙ୍କୁ ଠିକ ସମୟରେ ଚାରା ଯୋଗାଇ ଲାଭବାନ ହୋଇଥିଲେ । ଅଦିନିଆ ପନିପରିବା ଚାଷ କରୁଥିବା ଚାଷୀ ଓ ଅନ୍ୟାନ୍ୟ ଚାଷୀମାନେ ଏହି ପ୍ରଣାଳୀ ଯୋଗୁଁ ଆଗୁଆ ଚାରା ପାଇପାରିଥିଲେ । ଏହା ଏକ ସ୍ୱଳ୍ପ ମୂଲ୍ୟ ଯୁକ୍ତ ପଦ୍ଧତି ହୋଇଥିବାରୁ ଚାଷୀ ଭାଇମାନଙ୍କ ପାଇଁ ଗ୍ରହଣୀୟ ସାବ୍ୟସ୍ତ ହୋଇଥିଲା । ଏହି ପଦ୍ଧତିରେ ଚାରା ଉତ୍ପାଦନ ଓ ବିକ୍ରି କରି ଚାଷୀ ଭାଇମାନେ ଭବିଷ୍ୟତରେ ଚାରା ଯୋଗାଇବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ।

## ଡାଲି ଜାତୀୟ ଫସଲର ଆଗଧାଡି କ୍ଷେତ୍ର ପ୍ରଦର୍ଶନ :



ଗଜପତି ଜିଲ୍ଲା ଆଦିବାସୀ ବହୁଳ ଅଞ୍ଚଳ । ଏଠାରେ ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି । ଖରିଫ ଋତୁରେ ଚାଷୀ ଭାଇମାନେ ସାଧାରଣତଃ ଧାନ ଏବଂ ମକା ଚାଷ ଉପରେ ନିର୍ଭର କରିଥାନ୍ତ,କିନ୍ତୁ ରବି ଋତୁରେ ବର୍ଷା ଏବଂ ପାଣିର ଅଭାବ ଯୋଗୁଁ ଚାଷୀଭାଇମାନେ ଧାନ ଚାଷ ପରେ ମୁଗ କିମ୍ୱା ବିରି ପାଇରା ହିସାବରେ ଧାନ ବିଲରେ ବୁଣି ଦେଇଥାନ୍ତି । ଗଜପତି ଜିଲ୍ଲାରେ ଖରିଫ ଋତୁ ଅପେକ୍ଷା ରବି ଋତୁରେ ବେଶି ମୁଗ ଚାଷ କରାଯାଇଥାଏ । ପାଖାପାଖି ଗଜପତି ଜିଲ୍ଲାରେ ୭୮୦୦ ଏକର ଜମି ରବି ଋତୁରେ ମୁଗଚାଷ ହୋଇଥାଏ । ଏହି ଜିଲ୍ଲାର ଚାଷୀ ଭାଇମାନେ ନିଜ ପାଖରେ ଥିବା କଳାମୁଗ କିମ୍ୱା ସବୁଜ ମୁଗ ଚାଷ କରିଥାନ୍ତି । ଯେଉଁଥିରେ ତାଙ୍କର ଅମଳ କମ ହୋଇଥାଏ । ତେଣୁ କୃଷି ବିଜ୍ଞାନ କେନ୍ଦ୍ର, ଗଜପତି ତରଫରୁ ଡାଲି ଜାତୀୟ ଫସଲର ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଯେଉଁଥିରେ କି ଚାଷୀ ଭାଇମାନଙ୍କୁ Term-1 କିସମ ଯାହାକି Powdery Mildew ରୋଗର ନିରୋଧକ ଅଟେ । ଏହି କ୍ଷେତ୍ର ପ୍ରଦର୍ଶନ ଗୁମ୍ମା ଏବଂ ମୋହନା ବ୍ଲକର ଚାଷୀ ଭାଇମାନଙ୍କୁ ଏକରକେ ପାଇଁ ମୁଗ ବିହନ ପ୍ରଦାନ କରାଯାଇଥିଲା । ଯାହାଦ୍ୱାରା ଚାଷୀ ଭାଇମାନେ ମୁଗରୁ ଭଲ ଅମଳ ପାଇ ପାରିଥିଲେ ଏବଂ ସେଥିରୁ କିଛି ବିକି ଭଲ ପଇସା ପାଇ ପାରିଥିଲେ । ଗୁମ୍ମା ବ୍ଲକର ଚାଷୀଭାଇ ଶ୍ରୀ ଗଣପତି ଗଉଡ ସବୁଠାରୁ ଅଧିକ ଅମଳ ପାଇବାରେ ସକ୍ଷମ ହୋଇଥିଲେ (୮.୯୫ କ୍ୱି/ହେକ୍ଟର) । କ୍ଷେତ୍ର ଦିବସ ମାଧ୍ୟମରେ ଏହା ବୈଷୟିକ ଜ୍ଞାନ କୌଶଳ ଗଜପତି ଜିଲ୍ଲାର ଚାଷୀମାନଙ୍କୁ ବୁଝା ଯାଇଥିଲା ଏବଂ ସେଥିରୁ କିଛି ଚାଷୀ ଏହି କିସମକୁ ବ୍ୟବସାୟିକ ଭିତ୍ତିରେ ଚାଷ କରିବା ଇଚ୍ଛା ପ୍ରକାଶ କରିଥିଲେ ।

## ବାଇଗଣ ଚାଷରେ କାଣ୍ଡ ଏବଂ ଫଳବିନ୍ଧା ପୋକ ନିୟନ୍ତ୍ରଣର ଆଗଧାଡି କ୍ଷେତ୍ର ପ୍ରଦର୍ଶନ :



ଆଦିବାସୀ ବହୁଳ ଗଜପତି ଜିଲ୍ଲାରେ ପାଖାପାଖି ୨୯୦୦୦ ହେକ୍ଟରରେ ପନିପରିବା ଚାଷ କରାଯାଇଥାଏ । ବିଭିନ୍ନ ପନିପରିବା ଚାଷ ମଧ୍ୟରେ ବାଇଗଣ ବେଶି ଲାଭଦାୟକ ପରିବା ଚାଷ । ସେଥିରୁ ଚାଷୀଭାଇମାନେ ଅଧିକ ଲାଭବାନ ହେବାପାଇଁ ବାଇଗଣ ଚାଷକୁ ଆପଣାଇଥାନ୍ତି । କିନ୍ତୁ ବାଇଗଣ ଚାଷର ପରମ ଶତ୍ରୁ କାଣ୍ଡ ଏବଂ ଫଳ ବିନ୍ଧା ପୋକ ଯାହାଦ୍ୱାରା ଚାଷୀ ଭାଇମାନେ ଅମଳ କମ ପାଆନ୍ତି ଏବଂ ବାଇଗଣର ଉଚିତମୂଲ୍ୟ ପାଇ ପାରନ୍ତି ନାହିଁ । ତେଣୁ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଏହି କାଣ୍ଡ ଏବଂ ଫଳ ବିନ୍ଧା ରୋକିବା ପାଇଁ ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଯେଉଁଥିରେ କି ଚାଷୀଭାଇ ତାର ଚାଷ ଜମିରେ Pheromon Trap ୨୦/ହେକ୍ଟର ଏବଂ No More (0.5ml./Lit.) ଯାହାକି ଏକ ଜୈବିକ କିଟନାଶକ ପ୍ରୟୋଗ କରା ଯାଇଥିଲା । ଯାହାକି କାଣ୍ଡ ଏବଂ ଫଳ ବିନ୍ଧା ରୋକିଥିଲା ଏବଂ ତାସହିତ ଅମଳ ବୃଦ୍ଧିରେ ସହାୟକ ହୋଇଥିଲା । ଯାହାଦ୍ୱାରା ଚାଷୀ ହେକ୍ଟର ପ୍ରତି ୩୫୦ କୁଇଣ୍ଟାଲ ଅମଳ ପାଇପାରିଥିଲା ।



## ପିଆଜ ଚାଷରେ ପତ୍ରପୋଡ଼ା ରୋଗ ନିୟନ୍ତ୍ରଣର କ୍ଷେତ୍ର ପ୍ରଦର୍ଶନ :

ଗଜପତି ଏକ ଆଦିବାସୀ ବହୁଳ ଜିଲ୍ଲା ଭାବରେ ପରିଚିତ । ଏଠାରେ ଖରିଫ ଋତୁରେ ସାଧାରଣତଃ ଚାଷୀଭାଇମାନେ ମକା ଏବଂ ଧାନ ଉପରେ ନିର୍ଭର କରିଥାନ୍ତି, ଏବଂ ରବି ଋତୁରେ ପାଣିର ଅଭାବ ଯୋଗୁଁ ଚାଷକାମ ବହୁତ କମି ଯାଇଥାଏ କିନ୍ତୁ ଯେଉଁଠାରେ କିଛି ପାଣିର ସୁବିଧା ଥାଏ ସେଠି ଚାଷୀଭାଇମାନେ ବିଭିନ୍ନ ପନିପରିବା ଚାଷ କରିଥାନ୍ତି । ସେଥିମଧ୍ୟରୁ ପିଆଜ ଚାଷ ଅନ୍ୟତମ କିନ୍ତୁ ପିଆଜ ଚାଷରେ ପତ୍ରପୋଡ଼ା ରୋଗ ଯୋଗୁଁ ଅଧିକାଂଶ ଚାଷୀ ପିଆଜ ଚାଷ କରିବାକୁ ଅନିଚ୍ଛା ପ୍ରକାଶ କରିଥାନ୍ତି । ତେଣୁ ଏଥର କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପିଆଜ ଚାଷର ପତ୍ରପୋଡା ରୋଗ ଉପରେ ଏକ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଯେଉଁଥିରେ କି ଚାଷୀଭାଇ ତାର ପିଆଜ ଚାଷ କରିବା ପୂର୍ବରୁ ୫୦୦କେଜି ନିମ ପିଡ଼ିଆ ଏକ ହେକ୍ଟର କୁ ବ୍ୟବହାର କରି ଭଲ ଭାବରେ ଚାଷ କରିଦେଇଥିଲେ ଏବଂ ପିଆଜ ମଞ୍ଜିକୁ CARBENDAZIM ଦ୍ୱାରା ବିଶୋଧନ କରାଯାଇଥିଲା ଏବଂ ପତ୍ରପୋଡା ରୋଗ ଦେଖା ଦେଲାମାତ୍ରେ ୨ଗ୍ରାମ/ଲି. ହିସାବରେ ୧୫ଦିନ ଅନ୍ତରାଳରେ ୩ଥର ସ୍ପ୍ରେ କରାଯାଇଥିଲା । ଯାହାଦ୍ୱାରା କି ଏହି ପତ୍ରପୋଡା ରୋଗକୁ ନିୟନ୍ତ୍ରଣ କରାଯାଇଥିଲା ଏବଂ ଚାଷୀଭାଇ ତା କ୍ଷେତରୁ ହାରାହାରି ୧୯୫ କ୍ୱିଣ୍ଟାଲ ପ୍ରତି ହେକ୍ଟର ଅମଳ ପାଇଥିଲେ ।

## ପଦଚାଳିତ ଧାନ ଅମଳ ଯନ୍ତ୍ରର ସଫଳ ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ :




ସାଧାରଣତଃ ଗଜପତି ଜିଲ୍ଲାରେ ଚାଷୀ ଭାଇମାନେ ଧାନକୁ ବଳଦ ଦ୍ୱାରା ବେଙ୍ଗଳା ପକାଇ ଅମଳ କରିଥାନ୍ତି । ମାଟି ଖଳାରେ ବେଙ୍ଗଳା ପକାଇବା ଦ୍ୱାରା ମାଟି ଓ ବିଭିନ୍ନ ଆବର୍ଜନା ଅମଳ ହୋଇଥିବା ଧାନରେ ମିଶିଯାଏ ଓ ଏହାକୁ ସହଜରେ ଧାନରୁ ଅଲଗା କାରଯାଇ ପାରେ ନାହିଁ, ବଳଦ ଦ୍ୱାରା ବେଙ୍ଗଳା ପକାଇଲେ ବହୁତ ଧାନ କେଣ୍ଡାରେ ଲାଗି ରହିଯାଏ ଏବଂ ବଳଦର ମଳ ଓ ମୁତ୍ର ମଧ୍ୟ ଧାନରେ ମିଶେ । ଅନ୍ୟ ବହୁ ଜାଗାରେ ଚାଷୀମାନେ ଧାନକୁ କାଠ ଭାଡି କିମ୍ବା ପଥର ଉପରେ ପିଟି ଅମଳ କରିଥାନ୍ତି । ହିସାବରୁ ଜଣାଯାଏ ଯେ, ଏକ ଏକର ଜମିର ଧାନ ବାଡ଼େଇବାକୁ ୩୩,୦୦୦-୩୫୦୦୦ ଥର ଧାନ ବିଡ଼ାକୁ ପିଟିବାକୁ ପଡ଼େ । ଏହାଦ୍ୱାରା ଅତ୍ୟଧିକ ଶ୍ରମର ଆବଶ୍ୟକତା ପଡ଼ିଥାଏ ଓ ଶ୍ରମର ହାରାହାରି ହୃଦସ୍ପନ୍ଦନ ୧୫୦ ବିଟ୍‌ସ୍/ମିନଟ୍ ରେ ପହଞ୍ଚିଯାଏ, ଯାହାକି ସ୍ୱାସ୍ଥ୍ୟ ପ୍ରତି ଅହିତକର । ଏହି ସବୁ ଅସୁବିଧାକୁ ଆଖିରେ ରଖି କୃଷି ବିଜ୍ଞାନ ତରଫରୁ ପଦଚାଳିତ ଧାନ ଅମଳ ଯନ୍ତ୍ରର ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ ଜିଲ୍ଲାର ବିଭିନ୍ନ ସ୍ଥାନରେ କରାଯାଇଥିଲା । ଏହି ଯନ୍ତଟି ଘଣ୍ଟାକୁ ୪୫ କେ.ଜି. ଧାନ ଅମଳ କରିପାରେ । ଏହି ଯନ୍ତଟି ଚାଷୀ ଭାଇ ଭଉଣୀମାନଙ୍କ ଦ୍ୱାରା ବହୁତ ଆଦୃତ ହୋଇଛି । ଏହାର ବ୍ୟବହାର ଦ୍ୱାରା ୫୦ ପ୍ରତିଶତ ଶ୍ରମ ସଂରକ୍ଷଣ ହୋଇପାରିବ । ଓଡିଶା ସରକାରଙ୍କ ପକ୍ଷରୁ ଏହାର ମୂଲ୍ୟ ଟ.୬୦୦୦ଟଙ୍କା ଧାର୍ଯ୍ୟ କରାଯାଇଛି । ୫୦ ପ୍ରତିଶତ ରିହାତି ପରେ ଏହା ୩୦୦୦ଟଙ୍କାରେ ଉପଲବ୍ଧ ଅଛି ।

## ଏକ ଧାଡ଼ିଆ ବଳଦଟଣା ବିବିଧ ସାର ଓ ମଞ୍ଜିବୁଣା ଯନ୍ତ୍ରକ୍ଷେତ୍ର ପ୍ରଦର୍ଶନୀ :



ଗଜପତି ଜିଲ୍ଲାରେ ଚାଷୀମାନେ ମକାଚାଷରେ ସାର ଓ ବିହନ ଲଙ୍ଗଳ ପଛରେ ହାତରେ ବୁଣିଥାନ୍ତି । ଏହାଦ୍ୱାରା ଗଛରୁ ଗଛ ମଧ୍ୟରେ ସମାନ ଦୁରତା ରହି ନ ଥାଏ ଏବଂ ଏହି କାର୍ଯ୍ୟରେ ଏକର ପିଛା ୪-୫ଜଣ ଲୋକ ଆବଶ୍ୟକ ହୋଇଥାନ୍ତି । ଓୟୁଏଟି ନିର୍ମିତ ଏକ ଧାଡ଼ିଆ ବଳଦଟଣା ବିବିଧ ସାର ଓ ମଞ୍ଜିବୁଣା ଯନ୍ତ୍ରକୁ ମକାର ବିହନ ଏବଂ ସାର ଏକଧାଡ଼ିରେ ପକାଇବା ପାଇଁ ବ୍ୟାବାହର କରାଯାଇପାରିବ । ଏଥିରେ ଗଛରୁ ଗଛ ମଧ୍ୟରେ ୩୦ସେ.ମି ଦୂରତା ରହିବା ସହିତ ସାର ମଧ୍ୟ ପ୍ରୟୋଗ କରାଯାଇପାରିବ । ଏହି ଯନ୍ତ୍ର ସାହାଯ୍ୟରେ ଜଣେ ଲୋକ ଦୁଇଥର ଦିନରେ ଏକ ହେକ୍ଟର ଜମିରେ ମକା ବୁଣିପାରିବ । ଏହି ଯନ୍ତ୍ରର ସରକାରୀ ମୂଲ୍ୟ ଟ.୪୬୦୦.୦୦ ଧାର୍ଯ୍ୟ କରାଯାଇଛି ଏବଂ ସରକାରଙ୍କ ପକ୍ଷରୁ ଚାଷୀ ଭାଇମାନଙ୍କୁ ୭୫% ରିହାତିରେ ଏହି ଯନ୍ତ୍ରକୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।

## ତିନି ଧାଡ଼ିଆ ଧାନ ରୁଆ ଯନ୍ତ୍ରର ସଫଳ କ୍ଷେତ୍ର ପ୍ରଦର୍ଶନୀ :




ଆଦୀବାସୀ ବହୁଳ ଗଜପତି ଜିଲ୍ଲାରେ ମହିଳାମାନେ ମୁଖ୍ୟତଃ ଧାନ ରୁଆକାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି । କାଦୁଅ ଜମିରେ ଅଣ୍ଟାଭାଙ୍ଗି ଧାନ ରୋଇବା ଏକ ଅତ୍ୟଧିକ କଷ୍ଟସାଧ କାର୍ଯ୍ୟ । ହାତରେ ଧାନ ରୋଇବାପାଇଁ ଏକର ପିଛା ପ୍ରାୟ ୨୦ଜଣ ଶ୍ରମିକଙ୍କ ଆବଶ୍ୟକତା ପଡ଼ିଥାଏ । ଓୟୁଏଟି ନିର୍ମିତ ୩ ଧାଡ଼ିଆ ଧାନରୁଆ ଯନ୍ତ୍ର ସାହାଯ୍ୟରେ ଜଣେ ଲୋକ ଘଣ୍ଟାପ୍ରତି ୧୫୦-୨୦୦ ବର୍ଗ ମିଟର ଜାଗାରେ ଧାନ ରୋଇପାରିବ । ଯାହାକି ହାତରେ ଧାନ ରୋଇବା ଠାରୁ ୩ ଗୁଣା ଅଧିକ କ୍ଷମତା ସମ୍ପନ୍ନ । ଏହି ଯନ୍ତ୍ର ବ୍ୟବହାର ଦ୍ୱାରା ଶ୍ରମିକମାନଙ୍କ ନଇଁବାକୁ ପଡ଼ିନଥାଏ ଏବଂ ଶ୍ରମ ଲାଘବ ହୋଇଥାଏ । ଏହି ଯନ୍ତ୍ରଟିକୁ ବ୍ୟବହାର ପାଇଁ ଧାନ ତଳିପଟି ପ୍ରସ୍ତୁତ କରିବାକୁ ପଡ଼ିଥାଏ । ଏହି ଯନ୍ତ୍ରର ମୂଲ୍ୟ ଟ.୯୦୦୦.୦୦ ଧାର୍ଯ୍ୟ କରା ଯାଇଛି । କୃଷି ବିଜ୍ଞାନ କେନ୍ଦ୍ର ଗଜପତି ଦ୍ୱାରା ଏହାର ସଫଳ କ୍ଷେତ୍ର ପ୍ରଦର୍ଶନୀ ଘୋଡ଼ାକତା,ମହେନ୍ଦ୍ରଗଡ଼ ଏବଂ ରା.ଉଦୟଗିରି ଠାରେ କରାଯାଇଥିଲା

ପ୍ରକାଶକ ଓ ମୁଖ୍ୟ ସଂପାଦକ : ଡ଼. ସୁସ୍ମିତା ମହାନ୍ତି, ସଂପାଦକ : ଶ୍ରୀ ସନ୍ଦୀପ ମହାନ୍ତି,
ସଂପାଦକ ମଣ୍ଡଳୀ : ସୁଶ୍ରୀ ରଶ୍ମୀତା ଟପୋ, ଶ୍ରୀ ଦ୍ୱାରକା ମୋହନ ଦାଶ, ଶ୍ରୀ ପ୍ରଶାନ୍ତ କୁମାର ସାହୁ, ଶ୍ରୀ ମନୋଜ କୁମାର ସାହୁ,
ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର ଗଜପତି, ରା ଉଦୟଗିରି-୭୬୧୦୧୬, ଦୂରଭାଷ:୦୬୮୧୭-୨୪୦୩୬୨, E-mail gajapatikvk@yahoo.co.in